بسم الله الرحمٰن الرحيم

**ଖୁତବା ଜୁମା ୧୪ ଫେବୃୟାରୀ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ବୈୟତୁଲ୍ ଫୁତୁହ୍, ମର୍ଡ଼ନ(ବ୍ରିଟେନ୍)**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରି ସାହାବି ହଜ଼ରତ୍ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଗତ ଖୁତବାରେ ମୁଁ ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅଙ୍କ ବର୍ଣ୍ଣନା କରିଥିଲି ଏବଂ ତାହାର କିଛି ଅଂଶ ରହିଯାଇଥିଲା ଯାହାକୁ ଆଜି ଇନଶା ଅଲ୍ଲାଃ ବର୍ଣ୍ଣନା କରିବି । କାଆବ୍ ବିନ୍ ଅଶ୍ରଫର ବଧ ସଂକ୍ରାନ୍ତରେ ବର୍ଣ୍ଣନା ହୋଇଥିଲା ଯେ, ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ତାକୁ କହିବା ଛଳରେ ଘରୁ ଦୂରକୁ ନେଇ ଯାଇ ତାକୁ ବଧ କରିଥିଲେ, ତାହା କ'ଣ ମିଥ୍ୟା (ଛଳ) ନୁହେଁ ? ସେହିପରି ଏହା ମଧ ବର୍ଣ୍ଣନା ହୋଇଥିଲା ଯେ, କେତେକ ଜ୍ଞାନୀଙ୍କ ନିକଟରେ ଏକ ହଦିସ ଅନୁଯାୟୀ ତିନୋଟି ଅବସରରେ ମିଥ୍ୟା କହିବାକୁ ଅନୁମତି ପ୍ରଦାନ କରାଯାଇଛି । କିନ୍ତୁ ବାସ୍ତବରେ ତାହା ଭ୍ରମାତ୍ମକ ଚିନ୍ତାଧାରା ଅଟେ। ନଚେତ୍ ହଦିସର ଭୁଲ ବ୍ୟାଖ୍ୟା ଅଟେ । ଯାହାକି ତିନୋଟି ଅବସରରେ ମିଥ୍ୟା କହିବାକୁ ବୈଧ ବୋଲି ବିବେଚନା କରାଯାଇଛି। ପ୍ରଥମତଃ ଜଣେ ଖ୍ରୀଷ୍ଟୀୟ ବ୍ୟକ୍ତିର ସେହି ଆପତ୍ତିର ଉତ୍ତରରେ ହଜ଼ରତ ମସିହ୍ ମଉଦ ଅ.ସ କହନ୍ତି :ଯେ, ଆଁହଜ଼ରତ ସ.ଅ ମିଥ୍ୟା କହିବା ଏବଂ ନିଜ ଧର୍ମକୁ ଲୁଚାଇ ଦେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି, ଏତଦଦ୍ୱାରା ସ୍ପଷ୍ଟ ହେଉ କି ଯେଉଁଭଳି ସତବଚନ ମାର୍ଗରେ ପ୍ରତିଷ୍ଠିତ ରହିବାର କୁରଆନ ଶରୀଫରେ ଯେଉଁଭଳି ତାଗିଦ୍ ରିହିଛି ମୁଁ କଦାପି ବିଶ୍ୱାସ କରିପାରିବି ନାହିଁ ଯେ, ଇଞ୍ଜିଲରେ ତାହାର ଦଶମାଂଶ (ଭାଗ) ବି ତାଗିଦ୍ ବର୍ଣ୍ଣିତ ଥିବ । କାରଣ କୁରଆନ ଶରୀଫ ମିଥ୍ୟା କହିବାକୁ ପ୍ରତିମା ପୂଜା ସହିତ ତୁଳନା କରାଯାଇଛି । ଯେପରିକି ଅଲ୍ଲାଃତାଲା କୁରଆନ ଶରୀଫରେ କହନ୍ତି ଯେ,

(31 :الحج) فَاجْتَنِبُوا الرِّجْسَ مِنَ الْاَوْثَانِ وَ اجْتَنِبُوْا قَوْلَ الزُّوْرِ ଅର୍ଥାତ ତୁମେମାନେ ପିତୁଳା ପୂଜାରୁ ନିଜକୁ ନିବୃତ୍ତ ରଖ ଓ ମିଥ୍ୟା କହିବାରୁ ମଧ ନିଜକୁ ନିବୃତ୍ତ ରଖ । ଏହିପରି ଆଉ ଏକ ସ୍ଥାନରେ ଉଲ୍ଲିଖିତ ରହିଛିଯେ,

(136:النِّساء) يَا اَيُّهَا الَّذِيْنَ اٰمَنُوْا كُوْنُوْا قَوّٰمِيْنَ بِالْقِسْطِ شُهَدَآءَ لِلّٰهِ وَلَوْ عَلٰٓى اَنْفُسِكُمْ اَوِ الْوَالِدَيْنِ وَ الْاَقْرَبِيْنَ ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଂଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ଦୃଢ ହୋଇଯାଅ ଯଦିଚ ଏହା ତୁମମାମନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ମଧ ହେଇଥାଏ। ବର୍ତ୍ତମାନ ହେ ନାସ୍ତିକବାଦୀ ମଣିଷ ! ଟିକିଏ ଇଞ୍ଜିଲ ଖୋଲି ଓ ଆମକୁ ବୁଝାଇ ଦିଅ ଯେ, ସତ୍ୟ କହିବା ପାଇଁ ଏଭଳି ତାଗିଦ୍ ଇଞ୍ଜିଲରେ କେଉଁଠି ବର୍ଣ୍ଣିତ ହୋଇଛି ।

ପୁନଶ୍ଚ ସେହି ଖ୍ରୀଷ୍ଟୀୟ ବ୍ୟକ୍ତିକୁ ସମ୍ବୋଧିତ କରି ଯାହାର ନାମ ଫତେହ ମସିହ୍ ଥିଲା ହୁଜ଼ୁର ଅ.ସ କହିଲେ ଯେ, ଆଁହଜ଼ରତ ସ.ଅ କାଳେ ତିନୋଟି ସ୍ଥଳରେ ମିଛ କହିବା ପାଇଁ ଅନୁମତି ପ୍ରଦାନ କରିଅଛନ୍ତି । କିନ୍ତୁ ଏହା ହୁଜ଼ୁରଙ୍କୁ ନିଜର ଅଜ୍ଞାନତା କାରଣରୁ ଭ୍ରମ ହୋଇଛି ଏବଂ ପ୍ରକୃତ କଥା ଏହା ହିଁ ଅଟେ ଯେ, କୌଣସି ହଦିସରେ ବି ମିଥ୍ୟା କହିବାର ଅନୁମତି ନାହିଁ । ବରଂ ହଦିସରେ ତ' କେବଳ ଏହି ଶବ୍ଦ ଉଲ୍ଲେଖ ରହିଛି ଯେ,اِنْ قُتِلْتَ وَ اُحْرِقْتَ ଅର୍ଥାତ ସତ୍ୟକୁ କେବେହେଲେ ଛାଡ଼ ନାହିଁ ଯଦିଓ ବା ଯଦିଚ ଏଥିନିମନ୍ତେ ତୁମେ ନିହତ ହୁଅ ବା ଦାହ ହୁଅ । ପୁନଶ୍ଚ ଯେଉଁ ପରିସ୍ଥିତିରେ କୁରଆନ କହେ ଯେ, ତୁମେ ସତ୍ୟ ଓ ନ୍ୟାୟକୁ କେବେହେଲେ ହତାଛଡ଼ା କର ନାହିଁ ଏହା ବଦଳରେ ଯଦିଓ ତୁମର ପ୍ରାଣନାଶ ହୁଏ ଏବଂ ହଦିସ ମଧ ଏହିପରି କହେ ଯେ, ଯଦିବି ତୁମକୁ ଦହନ କରିଦିଆଯାଏ ବା ତୁମେ ନିହତ ହୁଅ ତଥାପି କେବଳ ସତ୍ୟ ହିଁ କୁହ । ପୁନଶ୍ଚ ଉଦାହରଣ ସ୍ୱରୂପ ଯଦି କୌଣସି ହଦିସ କୁରଆନ ଓ ଆହଦିସେ ସହିହାର ବିପରୀତ ଥାଏ ତେବେ ତାହା ଶ୍ରବଣଯୋଗ୍ୟ ହେବ ନାହିଁ ।

କାରଣ ଆମେମାନେ ସେହିଭଳି ହଦିସକୁ ହିଁ ଗ୍ରହଣଯୋଗ୍ୟ ବୋଲି ମନେକରିବୁ ଯାହା କୁରଆନ ଏବଂ ଆହଦିସେ ସହିହାର ବିରୁଦ୍ଧୀୟ ହୋଇ ନଥିବ l

ଇସଲାମ ଧର୍ମରେ ପ୍ରକୃତ ମିଥ୍ୟା ହେଉଛି ଅପବିତ୍ରତା ଓ ଅବୈଧତା ଯାହାକି ଶିର୍କ ସହିତ ସମତୁଲ୍ୟ ଅଟେ l କିନ୍ତୁ ତୌରିୟା (ଅର୍ଥାତ ମନ ଭିତରେ ଗୋଟେ କଥା ତୁଣ୍ଡରେ ଗୋଟେ କଥା) ଯାହାକି ବାସ୍ତବିକ ରୂପେ ମିଥ୍ୟା ନୁହେଁ l ବିବ୍ରତ ତଥା ବିବଶତା ସମୟରେ ସର୍ବସାଧାରଣଙ୍କ ନିମନ୍ତେ ତାହାର ଔଚିତ୍ୟତା ହଦିସରୁ ପ୍ରମାଣିତ l କିନ୍ତୁ ହେଲେ ବି ଉଲ୍ଲେଖ ଅଛି ଯେ, ସେହି ଲୋକମାନେ ହିଁ ସର୍ବୋତ୍କୃଷ୍ଟ ଅଟନ୍ତି ଯେଉଁମାନେ ଏହି ତୌରିୟା ଠାରୁ ଦୂରତା ରକ୍ଷା କରନ୍ତି l ତୌରିୟା ସର୍ବଶ୍ରେଷ୍ଠ ତକ୍‌ୱା ବିପରୀତ ଅଟେ ଏବଂ ସେ ଯାହାହେଉ ନା କାହିଁକି ନିର୍ମଳ ସତ୍ୟ ସର୍ବୋତ୍କୃଷ୍ଟ ଅଟେ l ଯଦିବି ସତ୍ୟ କହିବା ଦ୍ୱାରା କୌଣସି ବ୍ୟକ୍ତି ନିହତ ହୁଏ କିମ୍ବା ଦାହ କରାଯାଏ ତଥାପି ଉକ୍ତ ଅର୍ଥରେ ହିଁ ଦଣ୍ଡାୟମାନ ରହିବା ସର୍ବୋତ୍ତମ l

ହୁଜୁର ଅନୱର ଅ.ବ କହିଲେ ବର୍ତ୍ତମାନ ମୁଁ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରୁଛି ଯେ, ଯେତେବେଳେ ବନୁ ନୁଜୈର ବିଶ୍ୱାସଘାତକତା କରି ଆଁହଜ଼ରତ ସ.ଅଙ୍କ ଉପରେ କଳର ଚକ୍ର ପକାଇ ହତ୍ୟା କରିବାର ଉଦ୍ୟମ କରିଥିଲେ ସେତେବେଳେ ଅଲ୍ଲାଃତାଲା ଐଶୀବାଣୀ ଦ୍ୱାରା ଆଁହଜ଼ରତ ସ.ଅଙ୍କୁ ଏ ସଂପର୍କରେ ଅବଗତ କରାଇ ଦେଇଥିଲେ l ଏହାପରେ ଆଁହଜ଼ରତ ସ.ଅ ଶୀଘ୍ର ଉଠିଲେ ଯେପରି ଆଁହଜ଼ରତ ସ.ଅ କୌଣସି ଆବଶ୍ୟକତା ସକାଶେ ଉଠିଥାନ୍ତି ଏବଂ ହୁଜୁର ସ.ଅ ମଦିନା ଚାଲି ଆସିଲେ l ରସୁଲୁଲ୍ଲାଃ ସ.ଅଙ୍କ ଯିବା ପରେ ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନେ ମଧ୍ୟ କିଛି ସମୟ ଅପେକ୍ଷା କରିବା ପରେ ହୁଜୁର ସ.ଅଙ୍କ ପଛେ ପଛେ ମଦିନାରେ ପହଞ୍ଚିଗଲେ ସେତେବେଳେ ସେମାନେ ଜାଣିବାକୁ ପାଇଲେ ଯେ, ଆଁହଜ଼ରତ ସ.ଅ ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅଙ୍କୁ ଡ଼ାକିଛନ୍ତି l ହଜ଼ରତ ଅବୁ ବକ୍କର ର.ଅ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ଆପଣ ଉଠିକି ଚାଲି ଆସିଲେ, ହେଲେ ଆମେ ଜାଣିପାରିଲୁ ନାହିଁ l ହୁଜୁର ସ.ଅ କହିଲେ ଯେ, ଇହୁଦୀମାନେ ମୋ ସହିତ ବିଶ୍ୱାସଘାତ କରିବା ପାଇଁ ଚାହୁଁଥିଲେ l କିନ୍ତୁ ଅଲ୍ଲାଃତାଲା ବେଳ ଥାଉ ଥାଉ ମୋତେ ଉକ୍ତ ଷଡ଼ଯନ୍ତ୍ର ସଂପର୍କରେ ଅବଗତ କରାଇଦେଲେ ଯଦ୍ୱାରା କି ମୁଁ ସେଠାରୁ ଉଠି ଚାଲି ଆସିଲି l

ହଜ଼ରତ ମୁହମ୍ମଦି ବିନ୍ ମୁସଲ୍ଲମା ର.ଅଙ୍କୁ ଆଁହଜ଼ରତ ସ.ଅ ଡ଼କେଇଲେ ଏବଂ କହିଲେ ତୁମେ ବନୁ ନୁଜୈର ସଂପ୍ରଦାୟର ଇହୁଦୀମାନଙ୍କ ନିକଟକୁ ଯାଅ ଏବଂ ସେମାନଙ୍କୁ କୁହ ଯେ, ମୋତେ ଆଁହଜ଼ରତ ସ.ଅ ତୁମ ନିକଟକୁ ପ୍ରେରଣ କରିଅଛନ୍ତି ଯେ, ତୁମେ ମୋ ସହରରୁ ବାହାରି ଯାଅ l ସେ ଇହୁଦୀମାନଙ୍କ ପାଖକୁ ଗଲେ ଏବଂ ସେ କହିଲେ ଯେ, ରସୁଲୁଲ୍ଲାଃ ମୋତେ ତୁମେ ନିକଟକୁ ଏକ ସୂଚନା ଦେବା ନିମନ୍ତେ ପ୍ରେରଣ କରିଛନ୍ତି l କିନ୍ତୁ ଏହାପୂର୍ବରୁ ମୁଁ ତୁମକୁ ଏଭଳି ଏକ କଥା ସ୍ମରଣ କରାଇ ଦେଉଛି ଯାହାକୁ ତୁମେମାନେ ନିଜ ଆସରରେ ସ୍ମରଣ କରୁଥିଲ, ଇହୁଦୀ ବ୍ୟକ୍ତି ଜଣକ ପଚାରିଲା ଯେ, କେଉଁ କଥା ? ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା କହିଲେ ଯେ, ମୁଁ ତୁମକୁ ସେହି ତୌରାତର ଶପଥ ନେବା ପାଇଁ କହୁଛି ଯାହାକୁ ଅଲ୍ଲାଃତାଲା ହଜ଼ରତ ମୁସା ଅ.ସଙ୍କ ଉପରେ ଅବତୀର୍ଣ୍ଣ କରିଥିଲେ l କ'ଣ ତୁମେ ଜାଣ ଯେ, ହଜ଼ରତ ମୁହମ୍ମଦ ସ.ଅଙ୍କ ଆଗମନ ପୂର୍ବରୁ ମୁଁ ତୁମମାନଙ୍କ ନିକଟକୁ ଆସିଥିଲି l ତୁମେମାନେ ନିଜ ସମ୍ମୁଖରେ ତୌରାତ ଗ୍ରନ୍ଥ ଖୋଲା ରଖିଥିଲ l ତୁମେମାନେ ମୋତେ ସେହି ଆସରରେ କହିଥିଲ ଯେ, ହେ ଇବନେ ମୁସଲ୍ଲମା ! ଯଦି ତୁମେ ଚାହୁଁଛ ତେବେ ଆମେମାନେ ତୁମ ସମ୍ମୁଖରେ ଖାଦ୍ୟ ପରସି ଦେବୁ ଅବା ଯଦି ତୁମେ ପସନ୍ଦ କର ତେବେ ଆମେମାନେ ତୁମକୁ ଇହୁଦା ଧର୍ମରେ ଦୀକ୍ଷିତ କରିବୁ ତେବେ ଆମେମାନେ ତୁମକୁ ଇହୁଦା ଧର୍ମରେ ଦୀକ୍ଷିତ କରି ଦେଉଛୁ l ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ କହନ୍ତି ଯେ, ମୁଁ ସେତେବେଳେ କହିଥିଲି ଯେ, ମୋତେ ତୁମେମାନେ ଖାଦ୍ୟ ଖୁଆଇ ପାର କିନ୍ତୁ ତୁମେମାନେ ମୋତେ ଇହୁଦୀ ଧର୍ମରେ ଦୀକ୍ଷିତ କର ନାହିଁ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ କେବି ବି ଇହୁଦୀ ଧର୍ମରେ ଦୀକ୍ଷିତ ହେବି ନାହିଁ ତୁମେମାନେ ମୋତେ ଏକ ଥାଳିର ଖାଦ୍ୟ ଦେଇଥିଲ ଏବଂ ତୁମେ କହିଥିଲ ଯେ, ବର୍ତ୍ତମାନ ତୁମ ନିକଟରେ ଏପରି ଏକ ପବିତ୍ର ସତ୍ତାର ଆବିର୍ଭାବ ହେବ ଯାହାଙ୍କ ମୁଖରୁ ହାସ୍ୟ ପ୍ରକାଶ୍ୟ ହେଉଥିବ, ଯିଏ ଯୁଦ୍ଧ ପ୍ରିୟ ହୋଇଥିବେ, ତାଙ୍କ ଚକ୍ଷୁ ନାଲି ହୋଇଥିବ, ସେ ୟମନ୍ ଆଡୁ ଆବିର୍ଭୂତ ହେବେ, ସେ ଓଟ ଉପରେ ଆରୂଢ ହେବେ, ସେ ଚାଦର ପରିଧାନ କରିଥିବେ, ସେ ସ୍ୱଳ୍ପ ସାଧନରେ ସନ୍ତୁଷ୍ଟ ରହୁଥିବେ l ତାଙ୍କର ଖଡ଼ଗ୍ ତାଙ୍କ କାନ୍ଧ ଉପରେ

ଥିବ, ସେ ବୌଦ୍ଧିକତା ଓ ଚାତୁର୍ଯ୍ୟପୂର୍ଣ୍ଣତା ଉକ୍ତିର ସହିତ ବାର୍ତ୍ତା କରିବେ, ସେ ତୁମର ସଂପର୍କୀୟ ହୋଇଥିବେ । ଏହା ଶୁଣି ଏ ଇହୁଦୀ କହିଲା ଆମେମାନେ ଏହିପରି କହୁଥିଲୁ । କିନ୍ତୁ ସେ ନବୀ ବା ବାର୍ତ୍ତାବହ ନୁହଁନ୍ତି। ଅର୍ଥାତ ଆଁହଜ଼ରତ ସ.ଅ ନବୀ ନୁହଁନ୍ତି। ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ କହିଲେ ଯେ, ବର୍ତ୍ତମାନ ମୁଁ ବାର୍ତ୍ତା ପହଞ୍ଚାଇ  ନିଜ ଦାୟିତ୍ୱରୁ ମୁକ୍ତ ହୋଇଯାଇଛି । ଯାହାକି ମୁଁ ତୁମମାନଙ୍କୁ ସ୍ମରଣ କରାଇବାକୁ ଚାହୁଁଥିଲି । ପୁନଶ୍ଚ ମୁସଲ୍ଲମା ର.ଅ କହିଲେ ଯେ, ମୋତେ ଆଁଜ଼ରତ ସ.ଅ ପ୍ରେରଣ କରିଅଛନ୍ତି ଏବଂ ସେ କହିଲେ ଯେ, ତୁମେମାନେ ସେହି ଚୁକ୍ତିକୁ ଭଙ୍ଗ କରିଦେଇଛ ଯାହାକୁ ମୁଁ ତୁମ ସହିତ ସ୍ଥିରୀକୃତ କରିଥିଲି । କାରଣ ତୁମେମାନେ ମୋ ସହିତ ବିଶ୍ୱାସଘାତ କରିବା ପାଇଁ ଉଦ୍ୟମ କରିଛ ଏବଂ ଅମ୍ର ବିନ୍ ହଜ୍ଜାଶ୍ ଏଥିପାଇଁ ଛାତ ଉପରେ ଚଢିଥିଲା ଯେ, ସେ ଯେପରି ଆଁହଜ଼ରତ ସ.ଅଙ୍କ ଉପରେ ପଥର ଖସାଇ ଦେଉ । ଏହା ଶୁଣି ସେ (ଅର୍ଥାତ ଇହୁଦୀମାନ) ନୀରବ ରହିଲେ ଏବଂ ନିଜ ନିର୍ଦ୍ଦୋଷତାର ପଦୁଟିଏ କଥା ମଧ୍ୟ କହିପାରିଲେ ନାହିଁ । ପୁନଶ୍ଚ ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ସେମାନଙ୍କୁ କହିଲେ ଯେ, ଆଁହଜ଼ରତ ସ.ଅ କହିଛନ୍ତି ଯେ, ତୁମେମାନେ ମୋର ଏହି ନଗରୀରୁ ବାହାରି ଯାଅ । ମୁଁ ତୁମମାନଙ୍କୁ ଦଶ ଦିନର ସମୟ ଦେଉଅଛି । ଏହାପରେ ଯିଏବି ମୋତେ ଏଠାରେ ଦେଖା ଦେବ ମୁଁ ତାହାର ସ୍କନ୍ଧ ଚ୍ୟୁତ କରିବି । କିଛି ଦିନ ଇହୁଦୀମାନେ ପ୍ରସ୍ତୁତି କଲେ, ସେମାନଙ୍କର ବାହନଗୁଡ଼ିକ ଜ୍ଜୁ ଜଦ୍ ନିକଟରେ ଥିଲା ସେଗୁଡ଼ିକୁ ଅଣାଗଲା। ବନୁ ଅଶଜାଅ ସଂପ୍ରଦାୟରୁ ସେମାନେ ଓଟ ଭଡ଼ାରେ ନେଲେ ଏବଂ ପ୍ରସ୍ଥାନର ପ୍ରସ୍ତୁତି ସଂପୂର୍ଣ୍ଣ କଲେ ।

ଇହୁଦୀମାନଙ୍କର ବ୍ୟବହାର ସଂପର୍କରେ ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ ଉଲ୍ଲେଖ କରନ୍ତି ଯେ, ବନୁ କୁରୈଜ଼ାର ବିଶ୍ୱାସଘାତକତା ଏପରି ନଥିଲା ଯାହାକୁ କି ଅଣଦେଖା କରଯାଇ ପାରିଥାଆନ୍ତା। ରସୁଲ କରୀମ ସ.ଅ ଖନ୍ଦକ୍ ଯୁଦ୍ଧରୁ ଫେରିବା କ୍ଷଣେ ନିଜର ସାହାବାମାନଙ୍କୁ କହିଲେ ଯେ, ଗୃହରେ ବିଶ୍ରାମ କର ନାହିଁ ବରଂ ସନ୍ଧ୍ୟା ପୂର୍ବରୁ ବନୁ କୁରୈଜ଼ାର ଦୁର୍ଗ ପର୍ଯ୍ୟନ୍ତ ପହଞ୍ଚି ଯାଅ ଏବଂ ପୁନଶ୍ଚ ହୁଜୁର ସ.ଅ କହିଲେ ହଜ଼ରତ ଅଲୀ ର.ଅଙ୍କୁ ବନୁ କୁରୈଜ଼ା ସଂପ୍ରଦାୟ ପାଖକୁ ପ୍ରେରଣ କଲେ ଯେ, ସେ ଯାଇ ସେମାନଙ୍କୁ ପଚାରନ୍ତୁ ଯେ, ସେମାନେ କାହିଁକି ଏପରି ଚୁକ୍ତି ବିରୁଦ୍ଧୀୟ କାର୍ଯ୍ୟ କରି ବିଶ୍ୱାସଘାତ କଲେ । ତେଣୁ ଇହୁଦୀମାନଙ୍କର ବନୁ କୁରୈଜ଼ା ସଂପ୍ରଦାୟ ଅନୁଶୋଚନା କିମ୍ବା କ୍ଷମାଯାଚନା କରିବା ପରିବର୍ତ୍ତେ ସେମାନେ ହଜ଼ରତ ଅଲୀ ର.ଅ ଓ ତାଙ୍କର ସାଥୀମାନଙ୍କୁ ଗାଳି ଗୁଲଚ କରିବାକୁ ଆରମ୍ଭ କରିଦେଲେ ଏବଂ ରସୁଲୁଲ୍ଲାଃ ସ.ଅ ଓ ଆଁହଜ଼ରତ ସ.ଅଙ୍କର ବଂଶୀୟ ମହିଳାମାନଙ୍କୁ ମଧ୍ୟ ଗାଳି ଦେବାକୁ ଲାଗିଲେ । ଯେତେବେଳେ ହଜ଼ରତ ଅଲୀ ର.ଅ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତରକୁ ଧରି ଫେରିଲେ ସେତେବେଳେ ରସୁଲୁଲ୍ଲାଃ ମଧ୍ୟ ସାହାବାମାନଙ୍କ ସହିତ ଇହୁଦୀମାନଙ୍କ ଦୁର୍ଗ ଆଡ଼କୁ ବାହାରି ପଡ଼ିଲେ । ଯେତେବେଳେ ହୁଜ଼ର ସ.ଅ ଇହୁଦୀମାନଙ୍କର ଦୁର୍ଗ ନିକଟରେ ପହଞ୍ଚିଲେ ସେତେବେଳେ ଇହୁଦୀମାନେ ଦୁର୍ଗର କବାଟ କିଳି ସାରିଥିଲେ ଏବଂ ଦୁର୍ଗ ରୁଦ୍ଧ ହୋଇଯାଇଥିଲା ଏବଂ ମୁସଲମାନମାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ସେମାନଙ୍କର ମହିଳାମାନେ ମଧ୍ୟ ଯୁଦ୍ଧରେ ଶାମିଲ ହୋଇଥିଲେ । ସୁତରାଂ ଦୁର୍ଗର ପ୍ରାଚୀରର ନିମ୍ନ ଭାଗରେ କେତେକ ମୁସଲମାନମାନେ ବସିଥିଲେ ଠିକ ସେହି ସମୟରେ ଜଣେ ଇହୁଦୀ ମହିଳା ପ୍ରାଚୀର ଉପରୁ ସାହାବାମାନଙ୍କ ଉପରେ ଏକ ପଥର ଫୋପାଡ଼ି ଜଣେ ସାହାବଙ୍କୁ ଶହିଦ୍ କରିଦେଲା । ବନୁ କୁରୈଜ଼ା ସଂପ୍ରଦାୟରେ ଅମ୍ର ବିନ୍ ସୁଉଦି ନାମକ ଜଣେ ବ୍ୟକ୍ତି, ଯିଏକି ସେହି ଜାତିର ଅଧିପତି ଥିଲା ନିଜ ଜାତିକୁ ନିନ୍ଦା କଲା ଏବଂ କହିଲା ଯେ, ତୁମେମାନେ ବିଶ୍ୱାସଘାତକତା କରିଛ, ଚୁକ୍ତି ଭଙ୍ଗ କରିଛ, ବର୍ତ୍ତମାନ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯାଅ କିମ୍ବା ଟିକସ ସଂକ୍ରାନ୍ତରେ ସହମତି ପ୍ରକାଶ କର । ଇହୁଦୀ ଜଣକ କହିଲା ଆମେ ମୁସଲମାନ ହେବୁ ନାହିଁ କି ଟିକସ ଦେବୁ ନାହିଁ । ନିହତ ହେବା ଏହାଠାରୁ ଅଧିକ ଶ୍ରେୟସ୍କର ଅଟେ । ସେହି ବ୍ୟକ୍ତି କହିଲା ଯେ, ତୁମେମାନେ ଯାହା କହୁଛ ମୁଁ ତାହାଠାରୁ ସଂପୂର୍ଣ୍ଣ ରୂପେ ନିର୍ଦ୍ଦୋଷ ଅଟେ । ଏହା କହି ସେ ଦୁର୍ଗରୁ ବାହାରକୁ ଚାଲିଗଲା। ଯେତେବେଳେ ସେ ଦୁର୍ଗରୁ ବାହାରୁଥିଲା ସେତେବେଳେ ମୁସଲମାନମାନଙ୍କର ଏକ ସୈନ୍ୟ ଦଳ ଯାହାର ନେତୃତ୍ୱ ହଜ଼ରତ ମୁହମ୍ମଦ ବିନ ମୁସଲ୍ଲମା ଗ୍ରହଣ କରିଥିଲେ, ତାକୁ ଦେଖିଲେ ଏବଂ ପଚାରିଲେ ଯେ, ତୁମେ କିଏ ? ସେ ଉତ୍ତର ଦେଲା ଯେ, ମୁଁ ଅମୁକ ବ୍ୟକ୍ତି ଅଟେ । ପ୍ରତ୍ୟୁତ୍ତରରେ ମୁହମ୍ମଦ୍ ବିନ୍ ମୁସଲ୍ଲମା ତାଙ୍କୁ କହିଲେ, ଆପଣ ଶାନ୍ତିପୂର୍ବକ ଚାଲି ଯାଆନ୍ତୁ ଏବଂ ପୁନଶ୍ଚ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ମୋତେ ସଜ୍ଜନମାନେ କରିଥିବା ଦୋଷକୁ ଘୋଡ଼ାଇବା

ପାଇଁ, ପୁଣ୍ୟ କର୍ମ ଠାରୁ କେବେହେଲେ ବଞ୍ଚିତ କର ନାହିଁ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଉକ୍ତ ଘଟଣା ସଂପର୍କରେ ଜାଣିବାକୁ ପାଇଲେ ସେତେବେଳେ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କୁ ପାଟି କଲେ ନାହିଁ ବରଂ ତାଙ୍କର ଏଭଳି ଆଚରଣକୁ ପ୍ରଶଂସା କଲେ । ଅତଃ ମୁସଲମାନମାନେ ଆଁହଜ଼ରତ ସ.ଅଙ୍କ ଶିକ୍ଷା ଓ ସଂସ୍କାର ଅନୁଯାୟୀ ସର୍ବଦା ନ୍ୟାୟ ପ୍ରଦର୍ଶନ କରିଆସିଛନ୍ତି ।

ଖୈବରବାସୀଙ୍କ ଦୁଷ୍ଟତା ଏବଂ ଅବୁ ରାଫେ ଇହୁଦୀ ବ୍ୟକ୍ତିର ବଧର ଘଟଣା ସଂପର୍କରେ ବର୍ଣ୍ଣନା କରି ହୁଜୁର ଅନୱର ଅ.ବ କହିଲେ ଯେ, ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ମଧ୍ୟ ସେହି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ ଆବୁ ରାଫେକୁ ବଧ କରିଥିଲେ । ହଜ଼ରତ ସାହେବଜ଼ାଦା ମିର୍ଜା ବଶୀର ଅହମଦ ସାହେବ ଏହିଭଳି ଭାବେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ଇହୁଦୀମାନଙ୍କର ଯେଉଁ ଅଧିପତିମାନେ ରହିଥିଲେ ସେମାନଙ୍କ ଉପଦ୍ରବମୂଳକ ଷଡ଼ଯନ୍ତ୍ର ଓ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୫ ହିଜରୀର ଶେଷାର୍ଦ୍ଧରେ ମୁସଲମାନମାନଙ୍କ ବିରୁଦ୍ଧରେ ଏହଜ଼ାବ ଯୁଦ୍ଧ ଭଳି ଏକ ଭୟାବହପୂର୍ଣ୍ଣ ଉପଦ୍ରବର ସୂତ୍ରପାତ ହୋଇଥିଲା, ତନ୍ମଧ୍ୟରୁ ହୁଇ ବିନ୍ ଅଖତବ୍ ତ' ବନୁ କୁରୈଜ଼ା ସଂପ୍ରଦାୟ ସହିତ ନିଜ ଦ୍ୱାରା କରିଥିବା ସମସ୍ତ ପାପ ଦ୍ୱାରା ନିହତ ହେବା ଦଣ୍ଡ ଯୋଗ୍ୟ ଥିଲା। କିନ୍ତୁ ସଲାମ ବିନ୍ ଉବୈ ଅଲ୍ ହକ଼ିକ୍ ଯାହାଙ୍କର ଗୋତ୍ର ଅବୁ ରାଫେ ଥିଲା ବର୍ତ୍ତମାନ ସୁଦ୍ଧା ଖୈବର ଅଞ୍ଚଳରେ ସେହିପରି ସ୍ୱାଧୀନ ହୋଇ ନିଜର ଉପଦ୍ରବମୂଳକ କାର୍ଯ୍ୟରେ ମଜ୍ଜିଥିଲା। ସେ ନଜଦର ଅସଭ୍ୟ ତଥା ବର୍ବର ଓ ଯୁଦ୍ଧପ୍ରିୟ ସଂପ୍ରଦାୟକୁ ମୁସଲମାନ ବିରୁଦ୍ଧରେ ସର୍ବଦା ଉସକାଉଥିଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ଶତ୍ରୁତାରେ କାଆବ ବିନ୍ ଅଶ୍ରଫ୍ ସହିତ ସଂପୂର୍ଣ୍ଣ ରୂପେ ସାମଞ୍ଜସ୍ୟତା ରଖୁଥିଲା। ସେ ଗତଫାନିମାନଙ୍କର ଜାତିକୁ ଆଁହଜ଼ରତ ସ.ଅଙ୍କ ବିରୁଦ୍ଧରେ ଆକ୍ରମଣ କରିବା ପାଇଁ ବିପୁଳ ପରିମାଣର ଆର୍ଥିକ ସହାୟତା କରିଥିଲା। ଅବୁ ରାଫେ କେବଳ ଏତିକିରେ ସୀମିତ ରହିଲା ନାହିଁ ବରଂ ତାର ଶତ୍ରୁତାର ବହ୍ନୀ ମୁସଲମାନମାନଙ୍କ ରକ୍ତ ପିପାସୁ ସାଜିଥିଲା ଏବଂ ଆଁହଜ଼ରତ ସ.ଅଙ୍କ ବ୍ୟକ୍ତିତ୍ୱ ତା ଚକ୍ଷୁରେ କଣ୍ଟା ପରି ଅନୁଭୂତ ହେଉଥିଲା। ସୁତରାଂ ପରିଶେଷରେ ସେ ଏହି ଉପାୟ ଅବଲମ୍ବନ କଲା ଯେ, ଏହଜ଼ାବ ଯୁଦ୍ଧ ପରି ନଜଦର ସଂପ୍ରଦାୟ ଗତଫାନ ଏବଂ ଅନ୍ୟ ସଂପ୍ରଦାୟର ଭ୍ରମଣ କରିବାକୁ ଆରମ୍ଭ କରିଦେଲା ଏବଂ ସେମାନଙ୍କୁ ମସୁଲମାନମାନଙ୍କୁ ଧ୍ୱଂସ କରିବା ପାଇଁ ଏକ ବିଶାଳ ସୈନ୍ୟ ବାହିନୀ ରୂପେ ଏକତ୍ର କରିବାକୁ ଆରମ୍ଭ କିରଦେଲା। ଯେତେବେଳେ ପରିସ୍ଥିତି ଏପରି ହୋଇଗଲା ଯେ, ମୁସଲମାନମାନଙ୍କ ଦୃଷ୍ଟିରେ ପୁଣିଥରେ ଏହଜ଼ାବ ଯୁଦ୍ଧ ପରି ଦୃଶ୍ୟ ନାଚି ଉଠିଲା ସେତେବେଳେ ଆଁହଜ଼ରତ ସ.ଅଙ୍କ ସେବାରେ ଖଜ଼ରଜ ସଂପ୍ରଦାୟର କେତେକ ଆନସାରୀମାନେ ଉପସ୍ଥିତ ହେଲେ ଏବଂ କହିଲେ ଯେ, ବର୍ତ୍ତମାନ ସେହି ଉପଦ୍ରବର ଉପଚାର ଏହା ବ୍ୟତୀତ ଅନ୍ୟ କିଛି ନାହିଁ ଯେ, ସମସ୍ତ ଉପଦ୍ରବର ମୂଳ ଅର୍ଥାତ ଉପଦ୍ରବୀ ଅବୁ ରାଫେର ବଧ କରିଦିଆଯାଉ । ଆଁହଜ଼ରତ ସ.ଅ ଏହି କଥାକୁ ଭାବିଲେ ଦେଶରେ ବିଶାଳ ଜନସଂଖ୍ୟାଙ୍କ ରକ୍ତପାତ ଘଟିବା ଅପେକ୍ଷା ଜଣେ ଉପଦ୍ରବୀ ବ୍ୟକ୍ତିକୁ ନିହତ କରିବା ଅଧିକ ଶ୍ରେୟସ୍କର । ତେଣୁ ଆଁହଜ଼ରତ ସ.ଅ ସେହି ସାହାବାମାନଙ୍କୁ ଅନୁମତି ପ୍ରଦାନ କଲେ ଏବଂ ଆବଦୁଲ୍ଲାଃ ବିନ୍ ଅତିକ୍ ଅନସାରୀଙ୍କ ନେତୃତ୍ୱରେ ୪ ଜଣ ଖଜ଼ରଜୀୟ ସାହାବିମାନଙ୍କୁ ଯହିଁରେ ହଜ଼ରତ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ ମଧ୍ୟ ଥିଲେ, ଅବୁ ରାଫେ ଆଡ଼କୁ ପ୍ରେରଣ କରିଥିଲେ। କିନ୍ତୁ ଗଲାବେଳେ ତାଗିଦ୍ କରିଥିଲେ ଯେ, ଧ୍ୟାନ ରଖିବ ଯେ, ଯେପରି କୌଣସି ଶିଶୁ କିମ୍ବା ମହିଳାମାନେ ନିହତ ନହୁଅନ୍ତୁ । ସୁତରାଂ ରମଜ଼ାନ ମାସ ୬ ହିଜରୀରେ ଏହି ଦଳ ପ୍ରସ୍ଥାନ କରିଥିଲା ଏବଂ ଅତ୍ୟନ୍ତ ବୁଦ୍ଧିମତାର ସହିତ ନିଜର କାମ କରି ଫେରି ଆସିଥିଲା ଏବଂ ଏହିପରି ଭାବେ ମଦିନାର ଉକ୍ତ ବିପଦର ଘନ ବାଦଲ ଅପସରି ଯାଇଥିଲା। ହୁଜୁର ଅନୱର ଅ.ବ କହିଲେ, ସିରତ୍ ଖାତମୁନ୍ ନବିୟିନରେ ଉଲ୍ଲେଖ ରହିଛି ଯେ, ଅବୁ ରାଫେର ବଧର ଔଚିତ୍ୟତା ସଂପର୍କରେ ଆମେ ଏଠାରେ କୌଣସି ବାଦ-ବିବାଦରେ ପଡ଼ିବାର ଆବଶ୍ୟକତା ନାହିଁ । ଅବୁ ରାଫେର ରକ୍ତ ପିପାସୁମୂଳକ କାର୍ଯ୍ୟନୁଷ୍ଠାନ ଇତିହାସର ଗୋଟିଏ ଗୋଟିଏ ଉନ୍ମୁକ୍ତ ପୃଷ୍ଠା ସଦୃଶ ଅଟେ ।

ସେତେବେଳେ ମୁସଲମାନ ଅତ୍ୟନ୍ତ ଦୈନ୍ୟ ଅବସ୍ଥାରେ ଗତି କରୁଥିଲେ ଏବଂ ଚତୁର୍ପାର୍ଶ୍ୱରୁ ବିପତ୍ତିର ସମ୍ମୁଖୀନ ହୋଇଥିଲେ । ସମଗ୍ର ଦେଶ ମୁସଲମାନଙ୍କୁ ନିଶ୍ଚିହ୍ନ କରିଦେବାକୁ ଏକତ୍ରିତ ହେଉଥିଲା। ଏହିପରି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ଅବୁ ରାଫେ ଆରବର ବିଭିନ୍ନ ସଂପ୍ରଦାୟକୁ ଇସଲାମ ବିରୁଦ୍ଧରେ ଉସକାଉଥିଲା ଏବଂ ଏହି କଥା ପାଇଁ ପ୍ରସ୍ତୁତି କରୁଥିଲା ଯେ,

ଏହଜ଼ାବ ଯୁଦ୍ଧ ଭୂମି ଆଡ଼କୁ ଆରବର ଅସଭ୍ୟ, ବର୍ବର ସଂପ୍ରଦାୟ ପୁନର୍ବାର ଏକତ୍ରିତ ହୋଇ ମଦିନା ଉପରେ ଆକ୍ରମଣ କରି ଦିଅନ୍ତୁ । ଆରବରେ ସେତେବେଳେ କୌଣସି ଶାସକ ନଥିଲା କି ଯାହା ମାଧ୍ୟମରେ ନିଜର ଦୁଃଖ ସମସ୍ୟାକୁ ସେହି ପ୍ରଶାସକ ଆଗରେ ପରିପ୍ରକାଶ କରାଯାଇ ପାରିଥାଆନ୍ତା ତାହା ନୁହେଁ ବରଂ ପ୍ରତ୍ୟେକ ସଂପ୍ରଦାୟ ନିଜ ନିଜ ସ୍ଥାନରେ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ଥିଲେ । ଅତଃ ନିଜର ଆତ୍ମରକ୍ଷା କରିବା ବ୍ୟତୀତ, ସ୍ୱୟଂ କୌଣସି ଉପାୟ ବା ପନ୍ଥା ଅବଲମ୍ବନ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା। ଯେଉଁ ସରକାର ଥିଲା ତାହା ଆଁହଜ଼ରତ ସ.ଅଙ୍କର ନିଜସ୍ୱ ଥିଲା। ସେ ଯାହାହେଉ ନା କାହିଁକି ସେହିପରି ପରିସ୍ଥିତିରେ ସାହାବାମାନେ ଯାହା କିଛି କଲେ ତାହା ସଂପୂର୍ଣ୍ଣ ରୂପେ ଯୁକ୍ତିଯୁକ୍ତ ଓ ନ୍ୟାୟସଂଗତ ଥିଲା ଏବଂ ଯୁଦ୍ଧକାଳୀନ ପରିସ୍ଥିତିରେ ଯେତେବେଳେ କୌଣସି ଜାତି ଜୀବନ ମରଣ ସହିତ ସଂଘର୍ଷ କରୁଥାଏ ସେତେବେଳେ ଏହିପରି ପନ୍ଥା ଅବଲମ୍ବନ କରିବା ସଂପୂର୍ଣ୍ଣ ରୂପେ ଉଚିତ ବୋଲି ମନେ କରାଯିବ ।

ହଜ଼ରତ ଉସମାନ ର.ଅ ବୀରଗତି ପ୍ରାପ୍ତ କରିବା ପରେ ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ଏକାକୀତ୍ୱ ଅବଲମ୍ବନ କରିନେଇଥିଲେ ଏବଂ କାଠର ଖଡ଼ଗ୍ ତିଆରି କରିନେଇଥିଲେ । ହଜ଼ରତ ମୁହମ୍ମଦ ବିନ୍ ମୁସଲ୍ଲମା ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମୋତେ ଏକ ଖଡ଼ଗ୍ ଉପହାର ସ୍ୱରୂପ ଦେଇଥିଲେ ଏବଂ କହିଲେ ଯେ, ଯେତେବେଳ ପର୍ଯ୍ୟନ୍ତ ଅମାନ୍ୟକାରୀମାନେ ତୁମ ସହିତ ଯୁଦ୍ଧ କରୁଥିବେ ସେତେବେଳେ ତୁମେ ଏହାକୁ ଧରି ଈଶ୍ୱରଙ୍କ ସହିତ ସମକକ୍ଷକାରୀ କରୁଥିବା ବ୍ୟକ୍ତିମାନଙ୍କ ସହିତ ଜିହାଦ୍ କରୁଥିବ ଏବଂ ଯେତେବେଳେ ତୁମେ ଏହା ଦେଖିବ ଯେ, ମୁସଲମାନମାନେ ପରସ୍ପରକୁ ହାଣିବାକୁ ଲାଗିବେ ସେତେବେଳେ ତୁମେ ଉକ୍ତ ଖଡ଼ଗକୁ ଏକ ଚଟ୍ଟାଣ ଉପରେ ଆଣି ପ୍ରହାର କରିବ । ଏପର୍ଯ୍ୟନ୍ତକି ତାହା ଭାଙ୍ଗିଯିବ । ପୁନଶ୍ଚ ଏହାପରେ ଘରକୁ ଯାଇ ବସିଯିବ ଏବଂ ଯଦି ତୁମ ନିକଟରେ କୌଣସି ଦୋଷୀର ହାତ ପହଞ୍ଚେ କିମ୍ବା ତୁମକୁ ଯମ ସାଥିରେ ଧରି ନେଇଯାଏ । ତେଣୁ ହଜ଼ରତ ମୁସଲ୍ଲମା ର.ଅ ଏହା ହିଁ କଲେ । ସେ ଉପଦ୍ରବ ଠାରୁ ପୃଥକ ରହିଲେ ଏବଂ ଜମଲ୍ ଓ ସଫ୍ଫୈନ୍ ଯୁଦ୍ଧରେ ଶାମିଲ ହୋଇ ନଥିଲେ। ତାଙ୍କର ମୃତ୍ୟୁ ସଂପର୍କରେ ବିଭିନ୍ନ ମତାନ୍ତର ଦେଖିବାକୁ ମିଳେ । ବିଭିନ୍ନ ବର୍ଣ୍ଣନାନୁଯାୟୀ ୪୩, ୪୬ କିମ୍ବା ୪୭ ହିଜରୀରେ ମଦିନାରେ ସେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବେଳେ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ତାଙ୍କର ନମାଜ଼ ଯନାଜ଼ାଃ ମରୱାନ୍ ବିନ୍ ହକମ୍ ପଢେଇଥିଲେ ଯିଏକି ସେତେବେଳେ ମଦିନାର ଅମୀର ଥିଲେ । ଅନ୍ୟ କେତେକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲିଖିତ ରହିଛି ଯେ, ତାଙ୍କୁ କେହି ବ୍ୟକ୍ତି ଶହୀଦ୍ କରିଦେଇଥିଲା ।

ହୁଜ଼ୁର ଅନୱର ଅ.ବ କହିଲେ : ନମାଜ଼ ପରେ ଏକ ଯନାଜ଼ାଃ ହାଜ଼ିର୍ (ଅର୍ଥାତ ଉପସ୍ଥିତ ସାମୂହିକ ଅନ୍ତ୍ୟୋଷ୍ଟି ପ୍ରାର୍ଥନା) ମଧ୍ୟ ପଢେଇବି ଏବଂ ତାହା ସ୍ୱର୍ଗତ ତାଜ ଦିନ୍ ସାହାବ, ପିତା-ସଦର ଦିନ୍ ସାହେବଙ୍କର ଅଟେ । ଫେବୃୟାରୀ ମାସ ୧୦ ତାରିଖରେ ୮୪ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁସି ଥିଲେ। ସେ ୟୁଗାଣ୍ଡା ଠାରେ ଜନ୍ମଗ୍ରହଣ କରିଥିଲେ । ୧୯୬୭ ମସିହାରେ ୟୁ. କେକୁ ସ୍ଥାନାନ୍ତରିତ ହୋଇଥିଲେ । ୧୯୮୪ ମସିହାରେ ଯେତେବେଳେ ଇସଲାମାବାଦର ଜମି କ୍ରୟ କରାଯାଇଥିଲା ସେତେବେଳେ ସ୍ୱର୍ଗତ ତାଜ ଦିନ ସାହେବ ଇସଲାମାବାଦ ପାଇଁ ନିଜକୁ ତ୍ୟାଗପୂତଃ ଭାବେ ସମର୍ପିତ କରିଦେଇଥିଲେ ଏବଂ ପୁନଶ୍ଚ ଦୀର୍ଘ ୨୨ ବର୍ଷ ଧରି ଇସାଲାମାବାଦ୍ ଠାରେ ଅତ୍ୟନ୍ତ ନିଷ୍ଠାପର ଭାବେ, ଅଯାଚିତ ଭାବେ ସେବା କରିବାର ତାଙ୍କୁ ସୌଭାଗ୍ୟ ପ୍ରାପ୍ତ କରିଥଲେ । ଇସଲାମାବାଦ୍ ଠାରେ ପ୍ରଥମ ଜଲସାର ଆୟୋଜନ ଠାରୁ ଆରମ୍ଭ କରି ଶେଷ ଜଲସା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ ଓ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଅତିଥିଙ୍କୁ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରି ଆସିଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କ ପରି ନିଷ୍ଠା ଓ ବିଶ୍ୱସ୍ତତାରେ ଅଗ୍ରଗାମୀ ହେବାକୁ ଓ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ । ଆମିନ୍।

......................................

KHULASA KHUTBA JUMA HUZOOR ANWAR a.b.a

14th Feb 2020

..................